ସକାଳ
THE SAKALA



## ଚାରିଛକ ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ




ଚାରିଛକ,୧୨।୧(ସମିସ): ଚାରିଛକ ପୁଲିସ ପକ୍ଷରୁ ସୋମବାର ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଚାରିଛକ ମୁଖ୍ୟ ବଜାରରେ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଚାରିଛକ ପ୍ରେସ୍ କ୍ଲବ୍‌ର ସଦସ୍ୟ, ବିବେକାନନ୍ଦ ମେମୋରିଆଲ କ୍ଲବ୍ ଓରପଟର ସଦସ୍ୟ, ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଏନ୍‌ସିସି, ଏନ୍‌ଏସ୍‌ଏସ୍, ୱାଇଆର୍‌ସିର ଛାତ୍ରୀମାନେ ଚାରିଛକ ଥାନା ପୁଲିସ ସହ ସାମିଲ୍ ହୋଇ ହେଲ୍‌ମେଟ୍ ନ ପିନ୍ଧି ରାସ୍ତାରେ ଯାଉଥିବା ବାଇକ ଚାଳକଙ୍କୁ ଗୋଲାପ ଫୁଲ ଦେବା ସହ ହେଲ୍‌ମେଟ୍ ପିନ୍ଧିଥିବା ଚାଳକଙ୍କୁ ଚକୋଲେଟ ଓ ବିସ୍କୁଟ ଦେଇ ସଚେତନ କରାଇଥିଲେ। ସେହିପରି ଚାରିଚକିଆ ଯାନ ଚାଳକଙ୍କୁ ସିଟ୍ ବେଲ୍ଟ ପିନ୍ଧିବା ଓ ଗାଡ଼ି ଚଳାଇବା ସମୟରେ ମୋବାଇଲ୍‌ରେ କଥା ନ ହେବା ପାଇଁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଥାନା ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଏସ୍‌ଆଇ ସବିତା କୁମାରୀ ଦେବୀ, ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ. ଅଶୋକ କୁମାର ବିଶ୍ୱାଳ, ଅଧ୍ୟାପକ ଜୀବନ ଦାଶ, ଅଧ୍ୟାପକ ସମାପ୍ତ ମହାନ୍ତି, ଏନ୍‌ସିସି ମେଜର ପୁଷ୍ପଲତା ଦତ୍ତ, ଡେମୋନଷ୍ଟ୍ରେଟର ସବ୍ୟସାଚୀ ନାୟକ, ସମାଜସେବୀ ସୁଦର୍ଶନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଅମାନିଆ ଗାଡ଼ି ଚାଳକଙ୍କୁ ପୁଲିସ ଛାଟ



ଅସ୍ତରଙ୍ଗ,୧୨।୧(ସମିସ): ଅମାନିଆ ଏବଂ ମଦ୍ୟପ ଗାଡ଼ି ଚାଳକଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ଅସ୍ତରଙ୍ଗ ଅଞ୍ଚଳରେ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେଉଛି। ବିନା ଲାଇସେନ୍ସ, ଫିଟ୍‌ନେସ, ହେଲ୍‌ମେଟରେ ଅନେକ ଗାଡ଼ି ଚାଳକ ଦ୍ରୁତଗତିରେ ବାଇକ୍ ଚଳାଇ ଶବ୍ଦ ପ୍ରଦୂଷଣ କରିବା ସହିତ ସାଧାରଣ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛନ୍ତି। ଏହାକୁ ନେଇ ବାରମ୍ବାର ଖବର ପ୍ରସାରଣ ପରେ ବର୍ତ୍ତମାନ ଅସ୍ତରଙ୍ଗ ପୁଲିସ ସଡ଼କ ସୁରକ୍ଷା ନିମନ୍ତେ ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ଼ କରିବା ପାଇଁ ଅଣ୍ଟା ଭିଡ଼ିଛି। ବିଭିନ୍ନ ଛକରେ କଡ଼ା ପାଟ୍ରୋଲିଂ ସହିତ ବିଭିନ୍ନ ଗାଡ଼ିର କାଗଜପତ୍ର ଯାଞ୍ଚ କରୁଛି। ହେଲ୍‌ମେଟ୍ ପିନ୍ଧି ନ ଥିଲେ କିମ୍ବା ଦ୍ରୁତ ଗତିରେ ଗାଡ଼ି ଚଲାଇ ଆସୁଥିବା ଅନେକ ବେପରୁଆ ଗାଡ଼ି ଚାଳକଙ୍କର କଟୁଛି ଚାଲାଣ। ସେଥିପାଇଁ ଅସ୍ତରଙ୍ଗ ପୁଲିସ ତରଫରୁ ସମସ୍ତ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଘରୁ ବାହାରିଲେ ବାଇକ୍‌ରେ ହେଲ୍‌ମେଟ୍ ପିନ୍ଧ ଓ କାର୍‌ରେ ସିଟ୍ ବେଲ୍ଟ ବାନ୍ଧ ନ ଚେତ୍ ଆଗକୁ ଆହୁରି ଜରିମାନା ଦେବାକୁ ପଡ଼ିବ। ଅନେକ ଲୋକ ଏହି କଥାକୁ ଗ୍ରହଣ କରୁଛନ୍ତି। ମାତ୍ର କେତେଜଣ ଅମାନିଆଙ୍କ ପାଇଁ ଘଟୁଛି ଭୟଙ୍କର ଦୁର୍ଘଟଣା। ଯେଉଁଥିରେ ସେମାନଙ୍କ ଜୀବନ ତ ଯାଉଛି ତା' ସହ କିଛି ସାଧାରଣ ଲୋକଙ୍କ ଜୀବନ ବିପଦରେ ପଡୁଛି। ପୀର୍‌ଜାହାନିଆ, ଗଙ୍ଗାଦେବୀ, କେଳୁଣୀ ମୁହାଣର ବଣଭୋଜି ସ୍ଥାନରେ ପୁଲିସ ପଇଁତରା ମାରୁଥିବାବେଳେ ଅସ୍ତରଙ୍ଗ ଉକୁଳେଇ ଛକ ମୁଖ୍ୟ ସଡ଼କରେ ଗାଡ଼ି ଚେକିଂ ଜୋର୍‌ଦାର ଚଳାଇଛି। ଏବେ ଅମାନିଆ ଗାଡ଼ି ଚାଳକଙ୍କ ପାଇଁ ଅସ୍ତରଙ୍ଗ ପୁଲିସର ସ୍ୱତନ୍ତ୍ର ବ୍ୟବସ୍ଥାକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

## ସ୍ୱାଧୀନତା ସଂଗ୍ରାମୀ ଅର୍ଜୁନ ଦାଶଙ୍କ ସ୍ମୃତିଚାରଣ



କାକଟପୁର/ଗମ୍ଭାରିପଦା,୧୨।୧(ସମିସ): ନାରୀ ଶିକ୍ଷା, ଅସ୍ପୃଶ୍ୟତା ଦୂରୀକରଣ, ଜାତିପ୍ରଥାର ବିଲୋପ ସାଧନ, ଗ୍ରାମାଞ୍ଚଳରେ ଇଂରେଜ ସରକାର ବିରୋଧରେ ସଚେତନତା ସୃଷ୍ଟି କରାଇବାର ଅଗ୍ରଦୂତ ସ୍ୱର୍ଗତ ଅର୍ଜୁନ ଦାଶଙ୍କ ୨୬ତମ ସ୍ମୃତିଚାରଣ ଦିବସ କାକଟପୁର ସରକାରୀ ନୋଡାଲ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସମାଜସେବୀ କ୍ଷୀରୋଦ ମହାନ୍ତି, ବିଦ୍ୟାଳୟର ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ସ୍କୁଲ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ନୟାହାଟ ଫାଣ୍ଡି ଅଧିକାରୀଙ୍କ ପିତୃ ବିୟୋଗ

ନୟାହାଟ,୧୨।୧(ସମିସ): ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କ ବାପା ବଳରାମ ମଲ୍ଲିକ (୮୮)ଙ୍କର ତାଙ୍କ ନିଜ ବାସଭବନ କାକଟପୁର ଥାନା ଅଞ୍ଚଳର ଲତାହରଣ ପଞ୍ଚାୟତର ଧୁରୁଜଙ୍ଗ ଗ୍ରାମରେ ରବିବାର ରାତିରେ ପରଲୋକ ଘଟିଛି।



ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଓ ଧାର୍ମିକ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ଖବର ପାଇ ଆଖପାଖ ଅଞ୍ଚଳର ବ୍ୟକ୍ତିବିଶେଷମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ତାଙ୍କ ନିଜ ଗ୍ରାମର ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ଶ୍ରୀଧର ମୁଖାଗ୍ନି ଦେଇଥିଲେ।

## ଶ୍ରେୟା ସଂହିତା କୁଣ୍ଡୁ ହେଲେ ମିସ୍ ଟ୍ୟାଲେଣ୍ଟେଡ୍

ଗୋପ,୧୨।୧(ସମିସ): ବାଳିକାମାନଙ୍କ ପାଇଁ ଆୟୋଜିତ ଭାରତର ସବୁଠୁ ବୃହତ୍ ଆକର୍ଷଣୀୟ ସୁନ୍ଦରୀ ପ୍ରତିଯୋଗିତା 'ଜୁନିଅର ମିସ୍ ଇଣ୍ଡିଆ' ରାଜସ୍ଥାନର ଜୟପୁରସ୍ଥିତ 'ହୋଟେଲ୍ କ୍ଲାର୍କ ଆମେର'ରେ ଗତ ୬ରୁ ୮ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜୁନିଅର 'ମିସ୍ ଇଣ୍ଡିଆ' ପ୍ରତିଯୋଗିତାରେ ଗୋପ ବ୍ଲକ୍ ଅଧୀନ ଗଡ଼ରୁପାସ ଗାଁର ଭାଣିଜୀ ଶ୍ରେୟା ସଂହିତା କୁଣ୍ଡୁ ଦେଶର ବିଭିନ୍ନ ପ୍ରତିଯୋଗୀଙ୍କୁ ପଛରେ ପକାଇ ଜୁନିଅର ମିସ୍ ଇଣ୍ଡିଆ ମିସ୍ ଟ୍ୟାଲେଣ୍ଟେଡ୍ ବିଜେତା ହୋଇ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। କଲ୍‌ଚର ରାଉଣ୍ଡରେ ଶ୍ରେୟା କୋରାପୁଟର କୋଟପାଡ଼ ଶାଢ଼ି ଏବଂ ଡଙ୍ଗରିଆ ଶାଲ୍ ପରିଧାନ କରି ସାଉରା କଳାର ପ୍ରପ୍ ସହିତ ଆଦିବାସୀ ଗହଣା ସହ ସୁସଜ୍ଜିତ ହୋଇ ଓଡ଼ିଶାର ଜନଜାତୀୟ ସଂସ୍କୃତିକୁ ମଞ୍ଚରେ ଉପସ୍ଥାପନା କରିଥିଲେ।



## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ: ପୁରୀ ଚାମ୍ପିଅନ

ପିପିଲି,୧୨।୧(ସମିସ): ପିପିଲି ଆରୁହା ଜଇସପାଟଣାଠାରେ ମା' ଭଗବତୀ କ୍ଲବ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲ୍ଲାରୁ ୮ ଟି ଦଳ ଭାଗନେଇଥିଲେ। ଫାଇନାଲରେ ପୁରୀ ଓ ସଙ୍ଗଲାଇ ଶାସନ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇ ପୁରୀ ଚାମ୍ପିଅନ ହୋଇଛି। ସରପଞ୍ଚ ସୌଦାମିନୀ ଦାସ, ସମିତିସଭ୍ୟା କବିତା ଖଟେଇ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭାରତ ପ୍ରଶାସନିକ ସେବାର ଅବସରପ୍ରାପ୍ତ ଅଧିକାରୀ ଦାଶରଥି ଶତପଥୀ, ବିଶିଷ୍ଟ କ୍ରୀଡ଼ାବିତ୍ ସୁଦର୍ଶନ ପଟ୍ଟନାୟକ ଉଦ୍‌ଯାପନୀ କ୍ରୀଡ଼ାରେ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳ ପୁରୀକୁ ଟ୍ରଫି ସହିତ ୭ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ରନର୍ସଅପ୍ ଦଳ ସଙ୍ଗଲାଇକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। କ୍ଲବ୍‌ର ମୁଖ୍ୟ ତଥା ପୁରୀ ନିମାପଡ଼ା ସମବାୟ ବ୍ୟାଙ୍କ ପିପିଲିର ବୋର୍ଡ ଡାଇରେକ୍ଟର ପର୍ଶୁରାମ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସଦସ୍ୟ ଜଗଦୀଶ ସାହୁ, ଭ୍ରମରବର ଦାସ, ଜିତେନ୍ଦ୍ର ପରିଡ଼ା, ସୁବାସ ମିଶ୍ର, ଶ୍ରୀକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ପିସିସି ଖାନପୁର ଚାମ୍ପିଅନ

ଅସ୍ତରଙ୍ଗ,୧୨।୧(ସମିସ): ଅସ୍ତରଙ୍ଗ ବ୍ଲକ୍ ଓସ୍ତପୁରସ୍ଥିତ ତ୍ରିନାଥ କ୍ଲବ୍ ପକ୍ଷରୁ ଆୟୋଜିତ ଅହୋରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଗ୍ରାମାଞ୍ଚଳର ଏହି ଟୁର୍ଣ୍ଣାମେଣ୍ଟରେ ଅସ୍ତରଙ୍ଗ ଓ କାକଟପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର କ୍ରିକେଟ୍ ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରତି ଟିମ୍ ୮ ଓଭର ଖେଳିବାବେଳେ କେସିସି ଖଣ୍ଡାସାହି ଓ ପିସିସି ଖାନପୁର ପରସ୍ପର ଫାଇନାଲ୍ ମ୍ୟାଚ୍ ଖେଳିଥିଲେ। ରାତି ୩ଟାରେ ଖେଳ ଶେଷ ହୋଇଥିଲାବେଳେ ପ୍ରଥମେ ଖାନପୁର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪୩ ରନ୍ ସଂଗ୍ରହ କରିଥିଲା। କେସିସି ଖଣ୍ଡାସାହି ଟିମ୍ ମାତ୍ର ୬ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୪ ରନ୍ କରି ବିଜୟ ହାସଲ କରିଥିଲା। ଚାମ୍ପିୟାନ ଟିମ୍ ଖଣ୍ଡାସାହିକୁ ସିଲ୍ ସହ ୧୦ ହଜାର ଓ ରନର୍ସ ଅପ୍ ଟିମ୍ ଖାନପୁରକୁ ସିଲ୍ ସହ ୬ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ ଓ ସମ୍ମାନିତ ଅତିଥି ଅଧିକାରୀ ବେହେରା, ନଗର ସରପଞ୍ଚ ବିଜୟ ଖଣ୍ଡୁଆଳ, ସମିତିସଭ୍ୟା ପ୍ରତିନିଧି ଶବର



ବେହେରା, ମଣ୍ଡଳ ସଭାପତି ନରେଶ ପତି, ବିଭୁତି ସେନାପତି, ଅକ୍ଷୟ ରାଉତ, କନକ ମୁଦୁଲି, ଆର୍ତ୍ତତ୍ରାଣ ମୁଦୁଲି, ଚିତ୍ତରଞ୍ଜନ ଦାସ, ଦିପ୍ତୀରଞ୍ଜନ ସେନାପତି, ସାମ୍ବାଦିକ ବିପିନ ବିହାରୀ ଦାସ ଓ ପବିତ୍ର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ସ୍ନେହରଞ୍ଜନ ସେନାପତି ଓ ସିଲୁ ସେନାପତି ମ୍ୟାଚ୍ ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ଜାତୀୟ ଯୁବ ଦିବସ ପାଳିତ

# 'ସେବା ଭାବନା ବୃଦ୍ଧି ପାଇଲେ ହିଁ ରାଷ୍ଟ୍ର ସମୃଦ୍ଧ ହେବ'



କୋଣାର୍କ,୧୨।୧(ସମିସ)

ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ ଦ ବେଲ୍ ୟୁଥ୍ କ୍ଲବ୍, ପୁରୀ ଓ ଉତ୍କଳ ୟୁଥ୍ ଫାଉଣ୍ଡେସନ, କୋଣାର୍କର ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳନ କରାଯାଇଛି। ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦ ବେଲ୍‌ର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ଶିକ୍ଷକ ଭାଗିରଥୀ ପାଇକରାୟ, ସାମାଜିକ କର୍ମୀ ଶୁଭ୍ରାଂଶୁ ସେଠୀ, ସୁନିଲ ନାୟକ, ରାଜଲକ୍ଷ୍ମୀ ଦାସ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ ବେହେରା ଯୋଗଦେଇ ଯୁବକମାନଙ୍କ ଆଚରଣରେ ଶୃଙ୍ଖଳା ଓ ସେବା ଭାବନା ବୃଦ୍ଧି ପାଇଲେ ହିଁ ରାଷ୍ଟ୍ର ସମୃଦ୍ଧ ହେବ ବୋଲି ମତବ୍ୟକ୍ତ କରିଥିଲେ। ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ସେବାକାର୍ଯ୍ୟ ପାଇଁ ଆକାଶ ସିଂ ଓ ପ୍ରଦୀପ ପ୍ରଧାନଙ୍କୁ ଦ ବେଲ୍ ଯୁବଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦ ବେଲ୍ ୟୁଥ୍ କ୍ଲବ୍‌ର ସହସଂଯୋଜିକା ମୋନାଲିସା ଜେନା ପ୍ରମୁଖ ପରିଚାଳନା କରିଥିଲେ।

**ଡେଲାଙ୍ଗ:** ଡେଲାଙ୍ଗର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସୋମବାର ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ଡେଲାଙ୍ଗ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅଭୟ ରାଉତରାୟ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ସିମରନ୍ ଆସୀନ୍, ଆତ୍ମଜିତ୍ ବେହେରା, ସାଇପ୍ରସାଦ ସିଂହ, ଆୟୁଷ୍ମାନ ବିଶ୍ୱାଳ ପ୍ରମୁଖଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା। ସେହିପରି ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟ, ବିବେକାନନ୍ଦ ଶିକ୍ଷା ନିକେତନ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଉଦୟପୁର ପ୍ରାଥମିକ ବିଦ୍ୟାଳୟ, ଗତେଶ୍ୱରଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି।

**ଚାରିଛକ:** ପବିତ୍ର ପ୍ରାଚୀତଟ ପଦ୍ମ ସଂମ୍ଭବ ପୀଠରେ ପ୍ରାଚୀ ସଂସ୍କୃତି ପରିଷଦର ଆବାହକ ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ପରିଚାଳନାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଉତ୍ସବ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଡ. ସନ୍ତୋଷ କୁମାର ମିତ୍ର, ବିଜୟ ବିଶ୍ୱାଳ, ଅଧ୍ୟାପିକା ଡ. ଚିନ୍ମୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପଦେଷ୍ଟା ଇଂ ରୋହିତ କୁମାର ସିଠଙ୍କ ଦ୍ୱାରା ଶ୍ରୀମନ୍ଦିରରୁ ଆଣିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହିଲି ଭୋଗ ଶ୍ରୀମହାପ୍ରସାଦ ସମସ୍ତଙ୍କୁ ଅର୍ପଣ କରାଯାଇଛି।

**ବଳଙ୍ଗା:** ବଳଙ୍ଗା ଥାନା ଅନ୍ତର୍ଗତ ଲଙ୍କେଶ୍ୱରୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ବେରବୋଇ ତରଫରୁ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସାମୂହିକ ଗାନ କରାଯାଇଥିଲା। ଉକ୍ତ ସଭାରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ନେଇ ସ୍ୱଦେଶୀ ବ୍ୟବହାର ନିମିତ୍ତ, ଆତ୍ମନିର୍ଭରଶୀଳ ଭାରତ, ସ୍ୱଦେଶୀ ସଙ୍କଳ୍ପ ପତ୍ର ପାଠ କରାଯାଇଥିଲା। ତତ୍ ସହିତ ଯୁବ ରେଡ୍‌କ୍ରସ୍ ଛାତ୍ରୀମାନଙ୍କୁ ନେଇ ଯୁବ ରେଡକ୍ରସ୍ ଶାଖା ଆନୁକୁଲ୍ୟରେ ଜାତୀୟ ଯୁବ ଦିବସ ପାଳନ କରାଯାଇଥିଲା। ଛାତ୍ରୀମାନଙ୍କୁ ଯୁବ ଦିବସ ବିଷୟରେ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ଅଧ୍ୟାପକ ପ୍ରଶାନ୍ତ ଜେନା, ଗଗନ ଭୋଇ, ଅଧ୍ୟାପିକା ନମିତା ଭୂୟାଁ, ଲକ୍ଷ୍ମୀପ୍ରିୟା ପଣ୍ଡା, ଅହଲ୍ୟା ପଣ୍ଡା ପ୍ରଭୃତି ବିବୃତି ପ୍ରଦାନ କରିଥିଲେ।

**ବ୍ରହ୍ମଗିରି:** ପ୍ରଗତିଶୀଳ ଛାତ୍ର, ଶିକ୍ଷକ ଓ ବୁଦ୍ଧିଜୀବୀ ସମନ୍ୱୟ ସମିତି ତରଫରୁ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ବ୍ରହ୍ମଗିରିରେ କ୍ୟାରିୟର ଏଜୁକେସନାଲ କମ୍ପ୍ଲେକ୍ସଠାରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବାମପନ୍ଥୀ ନେତା ଭୀମସେନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭୁଦତ୍ତ ଭିକାରୀ ଚରଣ ଜେନା, ଆଇନଜୀବୀ ଭାସ୍କର ଜେନା ପ୍ରମୁଖ ବିବେକାନନ୍ଦଙ୍କ ଜୀବନୀ ଓ ବିଚାରଧାରା ଉପରେ ଆଲୋଚନା କରିଥିଲେ। ତପ୍ରରେ ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମ୍ବିଧାନର ସୁରକ୍ଷା ଓ ଦେଶର ଏକତା ଅଖଣ୍ଡତା ରକ୍ଷା କରିବା ପାଇଁ ସମସ୍ତେ ଶପଥପାଠ କରିଥିଲେ।

**ସାକ୍ଷୀଗୋପାଳ:** ସତ୍ୟବାଦୀ ବ୍ଲକ୍ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ଅବସରରେ ରାଷ୍ଟ୍ରୀୟ ଗୀତର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସାମୂହିକ ବନ୍ଦେ ମାତରମ୍ ଗାନ ଏବଂ ସ୍ୱଦେଶୀ ପତ୍ର ଶପଥପାଠ କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ ଶପଥପାଠ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

**କାକଟପୁର:** ରାଜ୍ୟ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ବିଦ୍ୟାଳୟରେ ସମୂହ ଦେଶାତ୍ମବୋଧ ସଙ୍ଗୀତ ବନ୍ଦେ ମାତରମ୍ ଗାନ ପାଇଁ ନିର୍ଦ୍ଦେଶକୁ ପାଳନ କରିଛନ୍ତି ବ୍ଲକ୍‌ର ସମସ୍ତ ବିଦ୍ୟାଳୟ। ଏହି ସମୂହ ବନ୍ଦେ ମାତରମ୍ ଗାନ କାକଟପୁର ପିଏମ୍‌ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମହାଆଡ଼ମ୍ବରରେ ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା।

**ନିମାପଡ଼ା:** ନିମାପଡ଼ା ବ୍ଲକ୍ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ "ବନ୍ଦେ ମାତରମ୍' ଗାନର ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ତାଙ୍କ ବାର୍ତ୍ତାରେ ଭାରତୀୟଙ୍କ ମନରେ ଦେଶପ୍ରେମ, ଭାତୃଭାବ, ତ୍ୟାଗ ଓ ବୀରତାର ଗାଥାକୁ ସ୍ମରଣ କରିବା ଏହାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ଅଶୋକ କୁମାର ବିଶ୍ୱାଳ "ବନ୍ଦେ ମାତରମ୍' ପ୍ରତ୍ୟେକ ଭାରତୀୟଙ୍କ ଆତ୍ମା ବୋଲି ଅଭିହିତ କରିଥିଲେ। ଏହି ଅବସରରେ ଚାରିଛକ ଥାନା ଏବଂ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**କୃଷ୍ଣପ୍ରସାଦ:** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ସାତପଡ଼ାର ଅଧ୍ୟକ୍ଷ ଡ. ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ସ୍ୱାମୀଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଇଏସ୍‌ଆର୍‌ଡି (ଏନ୍‌ଜିଓ) ର ସହ ନିର୍ଦ୍ଦେଶକ କେଳୁ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କ୍ୟାରିୟର କାଉନ୍‌ସେଲିଂ କରାଇଥିଲେ। ଅତିଥିମାନେ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେବା ସହ ସ୍ୱାମୀଜୀଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ।










## ଏନ୍‌ଆର୍ ଫାଉଣ୍ଡେସନର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବ

କୃଷ୍ଣପ୍ରସାଦ,୧୨।୧(ସମିସ): କୃଷ୍ଣପ୍ରସାଦ ବ୍ଲକ୍‌ର ଏନ୍‌ଆର୍ ଫାଉଣ୍ଡେସନ ସାତପଡ଼ାର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବ ସାତପଡ଼ା ବିଦ୍ୟାଳୟ କ୍ରୀଡ଼ାଙ୍ଗନରେ ଉଦ୍‌ଘାଟିତ ହୋଇଯାଇଛି। ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଦିବାକର ପ୍ରସାଦ ହରିଚନ୍ଦନଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଅବସରପ୍ରାପ୍ତ ମହାପ୍ରବନ୍ଧକ ଭୁବନାନନ୍ଦ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ କୁମାର ଜାଲି, ମୁଖ୍ୟବକ୍ତା ପ୍ରମୋଦ କୁମାର ଆଚାର୍ଯ୍ୟ, ସମ୍ମାନିତ ଭାବେ ଜୟନ୍ତ କୁମାର ମହାନ୍ତି, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାରସ୍ୱତ ସାହିତ୍ୟ ସଂସଦର ବାର୍ଷିକ ସାହିତ୍ୟ ପତ୍ରିକା ସୃଜନୀ ଅତିଥିମାନଙ୍କ କରକମଳରେ ଅନାବରଣ କରାଯାଇଥିଲା। ଅଞ୍ଚଳର ଗରିମାମୟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାରସ୍ୱତ ସଂସଦର ସଭାପତି ରବୀନ୍ଦ୍ର କୁମାର ବାରିକଙ୍କ ନିଜସ୍ୱ ଲେଖନୀରୁ (ଅନୁଭବ) କବିତା ସଂକଳନ ଆତ୍ମପ୍ରକାଶ ପାଇଥିବାବେଳେ ଏହା ଫାଉଣ୍ଡେସନ ଦ୍ୱାରା ପ୍ରକାଶିତ ହୋଇଥିଲା। ମାତୃଶକ୍ତିକୁ ସମ୍ମାନ ଦେଇ ଚଳିତ ବର୍ଷ କେବଳ ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ପୁଲିସ, କୋଲକାତା, ନାଗପୁର ୬ଟି ମହିଳା ଭଲିବଲ ଦଳ ଏଥିରେ ଭାଗ ନେଇଛନ୍ତି। ଏହି ଅବସରରେ ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀ ମାଆମାନଙ୍କୁ ନେଇ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅତୀତର ପରାକ୍ରମକୁ ଉଜ୍ଜୀବିତ ରଖିବା ପାଇଁ ସମରକଳା ଖୋର୍ଦ୍ଧାର ପାଇକ ଆଖଡ଼ା ଅନୁଷ୍ଠିତ ହୋଇଥିଲା। ସାରସ୍ୱତ ସାହିତ୍ୟ ସଂସଦ ସଭାପତି ରବୀନ୍ଦ୍ର କୁମାର ବାରିକ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର କୁମାର ମାଝୀ, ଉପସଭାପତି ଶିବରାମ ମହାପାତ୍ର, ସାଧାରଣ ସମ୍ପାଦକ ଫାଲଗୁନୀ ଜାଲି, କୋଷାଧ୍ୟକ୍ଷ ରଘୁନାଥ ପ୍ରସାଦ ହରିଚନ୍ଦନ, ସାଂସ୍କୃତିକ ସମ୍ପାଦକ ଅନନ୍ତ ବେହେରା, କ୍ରୀଡ଼ା ସମ୍ପାଦକ ଲକ୍ଷ୍ମୀଧର ପରିଡ଼ା, ଯୁଗ୍ମ କ୍ରୀଡ଼ା ସମ୍ପାଦକ ରଞ୍ଜିତ କୁମାର ଜେନା, ଅଭିଷେକ ହରିଚନ୍ଦନ, ଦିଗନ୍ତ ଜେନା, ତୁଷାରକାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରୁଥିବାବେଳେ ଦୁଇ ଦିନ ଧରି ହେବାକୁ ଥିବା ଏହି ଖେଳ ମଙ୍ଗଳବାର ଉଦ୍‌ଯାପନ ହେବ ବୋଲି ଜଣାପଡ଼ିଛି।

## ଅଟୋ ପଛକୁ ପିଟିଲା କାର୍; ଦୁଇ ଗୁରୁତର

ବ୍ରହ୍ମଗିରି,୧୨।୧(ସମିସ): ସୋମବାର ଦୁଇ ଜଣ ଲୋକଙ୍କୁ ନେଇ ଯାଉଥିବା ଅଟୋକୁ ପଛପଟୁ ଏକ କାର୍ ପିଟିବାରୁ ଚାଳକ ସହିତ ଦୁଇଜଣ ଆହତ ହୋଇଛନ୍ତି। ଆହତଙ୍କୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ପୁରୀ-ବ୍ରହ୍ମଗିରି ଜାତୀୟ ରାଜପଥ ନାଗାଛକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ପୁରୀ ଅଭିମୁଖେ ଏକ ଅଟୋ ଯାଉଥିବାବେଳେ ପଛ ପଟୁ କାର୍ ମଧ୍ୟ ପୁରୀ ଅଭିମୁଖେ ଯାଉଥିଲା। ହଠାତ୍ କାର୍‌ଟିର ଚକାଟି ଫକ୍‌ଚର ହୋଇଯିବାରୁ କାର୍‌ଟି ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ରାସ୍ତା ତଳକୁ ଖସିଯାଇଥିଲା। ଖବର ପାଇ ପୁରୀ ସଦର ଥାନାଧିକାରୀ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଛି।



### କଂଗ୍ରେସର ଚାଷୀ ନ୍ୟାୟ ସମାବେଶ

# ଚାଷୀଙ୍କୁ ମାଗଣା ବିଜୁଳି ଦାବି ରଖିଲେ ଭକ୍ତ




ନୟାଗଡ଼,୧୨ ।୧(ସମିସ)

ନୟାଗଡ଼ ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ସୋମବାର ଚାଷୀ ନ୍ୟାୟ ସମାବେଶ ଅନୁଷ୍ଠିତ ହୋଇଛି। ପୁରୁଣା ଜେଲ୍ ଜମିରେ ଅନୁଷ୍ଠିତ ଏହି ସମାବେଶରେ ପିସିସି ସଭାପତି ଭକ୍ତଚରଣ ଦାସ ଯୋଗଦେଇ ଚାଷୀଙ୍କୁ ସରକାର ମାଗଣା ବିଜୁଳି ପ୍ରଦାନ କରିବାକୁ ଦାବି ରଖିଛନ୍ତି। ଜିଲ୍ଲା କିଷାନ କଂଗ୍ରେସ ଜିଲ୍ଲା ସଭାପତି ବସନ୍ତ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶ ଅବସରରେ ସିନ୍ଦୂରିଆଠାରୁ ସଭାସ୍ଥଳ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା ହୋଇଥିଲା। ଏଥିରେ ହଜାର ହଜାର କର୍ମୀ ଯୋଗଦେଇ ନାରାବାଜି କରିବା ଧାନକିଣା କେବେ ଆରମ୍ଭ ହେବ ବୋଲି ପ୍ରଶ୍ନ କରିଥିଲେ। ପିସିସି ସଭାପତି ଦାସ ଜିଲ୍ଲାର ଚାଷୀଙ୍କ ପ୍ରତି ଅହେତୁକ ଅନ୍ୟାୟ କରାଯାଉଛି ବୋଲି କହିଥିଲେ। ଆଜିପର୍ଯ୍ୟନ୍ତ ମଣ୍ଡି ଖୋଲା ନ ହେବା ପଛର କାରଣ କ'ଣ ବୋଲି ପ୍ରଶ୍ନ କରି ସରକାରଙ୍କୁ ଟାର୍ଗେଟ କରିଥିଲେ।

ଯେଉଁ ବିଜେପି କଟଣୀ ଛଟଣୀକୁ ବିରୋଧ କରୁଥିଲା, ସେହି ବିଜେପି ସରକାର ସମୟରେ ସବୁଠାରୁ ଅଧିକ କଟଣୀ ଛଟଣୀ ହେଉଛି। ଗତବର୍ଷ ନୟାଗଡ଼ ଜିଲ୍ଲାରେ କ୍ୱିଣ୍ଟାଲ ପିଛା ୧୦ କେଜି ଲେଖାଏଁ କଟଣୀ ଛଟଣୀ କରାଯାଇ ଚାଷୀଙ୍କଠାରୁ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରାଯାଇଛି। ସରକାର ୩୧ ଶହ ଟଙ୍କାରେ ଧାନ କିଣିବା ପାଇଁ ଘୋଷଣା କରିଛନ୍ତି ଅଥଚ ଚାଷୀ ୧୭ ଶହ ଟଙ୍କାରେ କାହିଁକି ଧାନ ବିକ୍ରି କରୁଛି ବୋଲି ପ୍ରଶ୍ନ କରିଛନ୍ତି। ଏହି ସରକାର ଚାଷୀଙ୍କ ପ୍ରତି ନ୍ୟାୟ କରିପାରିବ ନାହିଁ। ଜିଲ୍ଲାରେ ଚାଉଳ ଓ ଧାନ ରଖିବା ପାଇଁ ଗୋଦାମ ନାହିଁ। ମଣ୍ଡିରେ ଆବଶ୍ୟକ ସୁବିଧା ନାହିଁ। ପ୍ୟାକ୍ସ କର୍ମଚାରୀ ଓ ସମବାୟ ବିଭାଗ ଚାଷୀଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଠେଙ୍ଗାପାଳି ଜରିଆରେ ଜଙ୍ଗଲ ସୁରକ୍ଷାରେ ଯେଉଁ ନୟାଗଡ଼ ଦେଶରେ ଗୌରବ ଅର୍ଜନ କରିଥିଲା, ସେହି ନୟାଗଡ଼ ଚାଷୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ପୁଣି ଇତିହାସ ସୃଷ୍ଟି କରାଇବାକୁ ଆହ୍ୱାନ ଦେଇଥିଲେ। ବିଜେପି ସରକାରରେ ଲୋକତନ୍ତ୍ରକୁ ହତ୍ୟା କରାଯାଇଛି। ଜନସାଧାରଣଙ୍କ ସାମ୍ବିଧାନିକ ଅଧିକାର ମିଳୁନି। ମନରେଗା ନୀତି ନିୟମରେ ପରିବର୍ତ୍ତନ ଦ୍ୱାରା ଦାଦନ ସଂଖ୍ୟା ବୃଦ୍ଧି ପାଉଛି। ବିଜୁଳି ସମସ୍ୟା ଉପରେ ଉଦବେଗ ପ୍ରକାଶ କରି ଦାସ ଟାଟା କମ୍ପାନୀ ଓ ସରକାର ଉପରେ ବର୍ଷିଥିଲେ। ଓଡ଼ିଶାରୁ ୨ ଲକ୍ଷ ୨୨ ମିଲିୟନ ଟନ୍ କୋଇଲା ଉତ୍ପାଦନ ହେଉଛି। ତାହା ମଧ୍ୟରୁ ମାତ୍ର ୨୦ ମିଲିୟନ ଟନ କୋଇଲା ଓଡ଼ିଶାରେ ବ୍ୟବହାର ହେଉଛି। ବଳକା କୋଇଲା ବାହାରକୁ ରପ୍ତାନି ହେଉଛି। ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ବ୍ୟୟବହୁଳ ନୁହେଁ, କିନ୍ତୁ ସରକାରଙ୍କ ଆନ୍ତରିକତା ଅଭାବ ବିଦ୍ୟୁତ୍ ସମସ୍ୟାକୁ ବହୁଗୁଣିତ କରିଛି। ରାଜ୍ୟ ସରକାର ଅନ୍ୟ ରାଜ୍ୟ ଭଳି ଚାଷୀଙ୍କୁ ମାଗଣା ବିଜୁଳି ଦେବାକୁ ଭକ୍ତ ଦାବି କରିଥିଲେ। ଅନ୍ୟତମ ନେତା ୱାସିର୍ ନୱାଜ୍ ତାଙ୍କ ବକ୍ତବ୍ୟରେ ଚାଷୀଙ୍କୁ ନ୍ୟାୟ ଓ ମାଗଣା ବିଜୁଳି ଦାବି ବୋଲି କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି, ବେକାରୀ ସମସ୍ୟା, ନାରୀ ସୁରକ୍ଷା ପ୍ରସଙ୍ଗରେ ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିଥିଲେ। ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ସମବାୟ ମନ୍ତ୍ରୀ ଥିବା ସମୟରେ ଶାଗମାଛ ଦରରେ ଚିନିକଳ ବିକ୍ରି କରିବାରୁ ଆଜି ଜିଲ୍ଲାରେ ଆଖୁଚାଷ ବୁଡ଼ିବାକୁ ବସିଛି ବୋଲି ଅନ୍ୟତମ ନେତା ମନୋଜ ସାହୁ କହିଥିଲେ। କଂଗ୍ରେସ ସରକାର ଆସିଲେ ଚିନିକଳ ନିଶ୍ଚିତ ପ୍ରତିଷ୍ଠା ହେବ ବୋଲି କହିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ଜିଲ୍ଲାରେ ଧାନକିଣାରେ ହେଉଥିବା କଟଣୀ ଛଟନୀକୁ ଜୋରଦାର ବିରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଂଯୋଜକ ସତ୍ୟବ୍ରତ ନାୟକ, ହୁସେନ୍ ଖାନ୍, ବିଭୁପ୍ରସାଦ ମିଶ୍ର, ବୈଜୟନ୍ତୀବାଳା ମହାନ୍ତି, ସରୋଜ ପରିଡ଼ା, ଫକିର ମଲ୍ଲ, ଶିବ ପ୍ରସାଦ ସାହୁ, ପ୍ରତୀକ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ନ୍ୟାୟ ଦାବି କରିଥିଲେ। ସମାବେଶରେ ୩ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଓ କଂଗ୍ରେସ କର୍ମୀ ଯୋଗଦେଇଥିଲେ।



## ବିଶ୍ୱଶାନ୍ତି ଶୈବ ଯଜ୍ଞ ଉଦଯାପିତ

ଓଡ଼ଗାଁ,୧୨ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପାଣ୍ଡେରିପଡ଼ା ପଞ୍ଚାୟତ ଦେଓଗାଁରେ ୩ ଦିନ ଧରି ଅନୁଷ୍ଠିତ ଦଣ୍ଡେଶ୍ୱର ମହାଦେବଙ୍କ ୪ର୍ଥ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଶୈବ ଯଜ୍ଞ ରବିବାର ଉଦଯାପିତ ହୋଇଛି। ଏହି ଅବସରରେ ନୂତନ ଯଜ୍ଞଶାଳା ପ୍ରତିଷ୍ଠା କରାଯାଇଛି। ରବିବାର ଅପରାହ୍ନରେ ପୂର୍ଣ୍ଣାହୂତି ପ୍ରଦାନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞାନୁଷ୍ଠାନକୁ ପନ୍ତିଖାରୀ ଶାସନ ବୈଦିକ ବ୍ରାହ୍ମଣମାନେ ପରିଚାଳନା କରିଥିଲେ। ଆଚାର୍ଯ୍ୟ ଭାବେ ଗୋଦାବରୀଶ ହୋତା, ପୁସ୍ତକାଚାର୍ଯ୍ୟ ଲଳିତ ମୋହନ ତ୍ରିପାଠୀ, ଚରୁ ଜଗନ୍ନାଥ ହୋତା, ଚଣ୍ଡିଲଡ଼ୁ କେଶ୍ୱର ରଥ ଯଜ୍ଞ କର୍ମ ପରିଚାଳନା କରିଥିଲେ। କର୍ତ୍ତା ଭାବେ ଦେଓଗାଁର ଗୋଲକ ବିହାରୀ ଜେନା ଓ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ତୁଲାଇଥିଲେ।

## ରାଜସୁନାଖଳାରେ ବଜରଙ୍ଗ ଦଳର ବୈଠକ



ରଣପୁର,୧୨ ।୧(ସମିସ): ରଣପୁର ବ୍ଲକ ରାଜସୁନାଖଳା ନିକଟସ୍ଥ ଅନନ୍ତ ଗୁମ୍ଫାରେ ବଜରଙ୍ଗ ଦଳର ପ୍ରଥମ ଖଣ୍ଡ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ଖୋର୍ଦ୍ଧା ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ସହସମ୍ପାଦକ ପ୍ରଭାତ ପାଣଗ୍ରାହୀ, ଖୋର୍ଦ୍ଧା ଜିଲ୍ଲା ବଜରଙ୍ଗ ଦଳ ସଂଯୋଜକ ଉଦିତ୍ୟ ପ୍ରହରାଜ, ସହ ସଂଯୋଜକ ଦିବ୍ୟ ପ୍ରକାଶ, ସୁରକ୍ଷା ପ୍ରମୁଖ ମୁକେଶ ସାମନ୍ତରାୟ, ବୋଲଗଡ଼ ପ୍ରଖଣ୍ଡ ସଂଯୋଜକ ହିତେଶ କୁମାର ବେହେରା ଓ ରଣପୁର ପ୍ରଖଣ୍ଡ ସଂଯୋଜକ ସଞ୍ଜୀବ କୁମାର ପ୍ରଧାନଙ୍କ ସମେତ ରାଜସୁନାଖଳା ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ, ଶିକ୍ଷାବିତ ବଲ୍ଲଭ ପ୍ରଧାନ, ଆଇନଜୀବୀ ସର୍ବେଶ୍ୱର ବେହେରା, ସମାଜସେବୀ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

● ପତାକା ଖୋଲିବାକୁ ତୀବ୍ର ବିରୋଧ

## ପୌର ନିର୍ବାହୀ ଅଧିକାରୀଙ୍କୁ ଘେରିଲା କଂଗ୍ରେସ



ନୟାଗଡ଼,୧୨ ।୧(ସମିସ): ନୟାଗଡ଼ରେ କଂଗ୍ରେସ ଚାଷୀ ସମାବେଶ କାର୍ଯ୍ୟକ୍ରମ ଶେଷ ହୋଇ ନ ଥିବା ବେଳେ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ପତାକାଗୁଡ଼ିକୁ ପୌର କର୍ମଚାରୀମାନେ ଖୋଲି ଦେଉଥିଲେ। ଖବର ପାଇ ଛାତ୍ର କଂଗ୍ରେସ ନେତା ଶିବରଞ୍ଜନ ସାହୁ ଓ କିଛି ଛାତ୍ରନେତା ସେଠାରେ ପହଞ୍ଚି ପ୍ରତିବାଦ କରିଥିଲେ। ପୌର କର୍ମଚାରୀ ନ ଶୁଣିବାରୁ ଛାତ୍ରନେତାମାନେ ପୌର କାର୍ଯ୍ୟାଳୟରେ ପହଞ୍ଚି ନିର୍ବାହୀ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ନିର୍ବାହୀ ଅଧିକାରୀ ବେପରୁଆ ମନ୍ତବ୍ୟ ଦେବାରୁ ଛାତ୍ର କଂଗ୍ରେସ ନେତାମାନେ ତାଙ୍କୁ ଦୀର୍ଘ ସମୟ ଘେରଉ କରି ରଖିଥିଲେ। ଖବରପାଇ ଅତିରିକ୍ତ ଏସ୍‌ପି ଜ୍ୟୋତି ସାମନ୍ତରାୟ, ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ନିୟମ ଅନୁସାରେ ୨୪ ଘଣ୍ଟା ପରେ ପତାକା ଖୋଲିବା ବଦଳରେ ନିର୍ବାହୀ ଅଧିକାରୀ କାହିଁକି ପତାକା ଖୋଲାଇଲେ ବୋଲି ଛାତ୍ରନେତାମାନେ ପ୍ରଶ୍ନ କରି ହୋହଲ୍ଲା କରିବା ସହ ଚାମ୍ବର ଆଗରେ ଧାରଣା ଦେଇଥିଲେ। ଦୁଇଦିନ ପରେ ପତାକା ଖୋଲାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ଖଳିସାହି କପ୍ କ୍ରିକେଟ୍; ଫାଇନାଲରେ ତମାଣ୍ଡୋ

ଖଣ୍ଡପଡ଼ା,୧୨ ।୧(ସମିସ): ଖଣ୍ଡପଡ଼ା ବ୍ଲକ ଖଳିସାହି ବଡ଼ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଛି ଭୁବନେଶ୍ୱର ତମାଣ୍ଡୋ କ୍ରିକେଟ କ୍ଲବ। ସୋମବାର ମ୍ୟାଚ୍‌ରେ ତମାଣ୍ଡୋ ଟସ ଜିତି ୧୮ ଓଭରରେ ୭ ୱିକେଟ ହରାଇ ୨୨୩ ରନ କରିଥିଲା। ଜବାବରେ ମେଣ୍ଢାଶାଳ ଦଳ ୧୮ ଓଭରରେ ୭ ୱିକେଟ ହରାଇ ୧୫୪ ରନରେ ସୀମିତ ରହିଥିଲା। ବିଜୟୀ ଦଳର ମନୋଜ ବେହେରା ୩୩ ବଲରୁ ୬ ଚୌକା ଓ ୪ ଛକା ସହାୟତାରେ ୬୪ ରନ ଏବଂ ବୋଲିଂରେ ୨ ୱିକେଟ ଅକ୍ତିଆର କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ସମାଜସେବୀ ସୁଦର୍ଶନ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଡ. ମାନସ କୁମାର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦୀପକ ସାହୁ ଏବଂ ରବୀନ୍ଦ୍ର ମିଶ୍ର ଖେଳ ପରିଚାଳନା କରିଥିଲେ। ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ୧୪ ତାରିଖ ବୁଧବାର ତମାଣ୍ଡୋ ଓ ବାଙ୍କି ଦଳ ମଧ୍ୟରେ ଫାଇନାଲ ମୁକାବିଲା ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

## ବର୍ଷା ଓ ମିନତୀଙ୍କ ପଦକ ହାସଲ

ଓଡ଼ଗାଁ,୧୨ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁର ବର୍ଷାରାଣୀ ସାହୁ ଏବଂ ନନ୍ଦିଘୋରର ମିନତୀ ସାହୁ ହାଇଦରାବାଦର ତେଲଙ୍ଗାନାରେ ଆୟୋଜିତ ସ୍କୋଏ ମାର୍ଶଲ ଆର୍ଟ ଚାମ୍ପିଅନସିପରେ ଅଂଶଗ୍ରହଣ କରି ପଦକ ହାସଲ କରିଛନ୍ତି। ଏହି ଚାମ୍ପିଅନସିପରେ ଓଡ଼ିଶାରୁ ପ୍ରାୟ ଶହେ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମିନତୀ ସାହୁ ଲୋବାଫାଇଟ ୬୨ କେଜିରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିବା ବେଳେ ଓଡ଼ଗାଁ ଏନ୍‌ଏସି ଗୁପ୍ତମଠ ସାହିର ବର୍ଷାରାଣୀ ସାହୁ ୨୦ ଖେଳାଳିଙ୍କୁ ପଛରେ ପକାଇ ବ୍ରୋଞ୍ଜ୍ ପଦକ ହାସଲ କରିବା ସହ ଅନ୍ତର୍ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି। ଏତଦ୍ ବ୍ୟତୀତ ମୋକିମ୍ ଫାଉଣ୍ଡେସନ ଆନୁକୂଲ୍ୟରେ ସୋମବାର କଟକରେ ଅନୁଷ୍ଠିତ ଲୋବାଫାଇଟରେ ବର୍ଷା ବ୍ରୋଞ୍ଜ ପଦକ ଏବଂ କାତାଗମରେ ରୌପ୍ୟ ପଦକ ହାସଲ କରିଛନ୍ତି।

### ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

## 'ଯାହାର ଅତୀତ ନ ଥିବା, ତାହାର ବର୍ତ୍ତମାନ ମଜବୁତ ହେବ ନାହିଁ'



ନୟାଗଡ଼,୧୨ ।୧(ସମିସ): ନୟାଗଡ଼ ସହର ନିକଟସ୍ଥ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ଏକବିଂଶତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅନେକ ଉପାଦେୟ ପରାମର୍ଶ ଦେବା ସହ ବିବେକାନନ୍ଦଙ୍କ ଉପରେ ସ୍ୱତନ୍ତ୍ର ଶିକ୍ଷାଦାନ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷାବିତ୍ ହରିହର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ କହିଲେ, ଛାତ୍ରଛାତ୍ରୀ ପ୍ରତ୍ୟେକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିହାତି ଆବଶ୍ୟକ। ଅଭିଭାବକ ସେମାନଙ୍କୁ ପ୍ରୋତ୍ସାହିତ କରିବା ଦରକାର। ତାହା ତାଙ୍କ ପାଇଁ ସ୍ମୃତି ହୋଇ ରହିବ। ଯାହାର ଅତୀତ ନ ଥିବା, ତାହାର ବର୍ତ୍ତମାନ ମଜବୁତ ହେବ ନାହିଁ। ବର୍ତ୍ତମାନ ମଜବୁତ୍ ନ ଥିଲେ, ଭବିଷ୍ୟତ ଆହ୍ଲାଦିତ କରିବ ନାହିଁ ବୋଲି ବିଧାୟକ କହିଥିଲେ। ଭାରତର ଶିକ୍ଷା ବ୍ୟବସ୍ଥା ଏ ପର୍ଯ୍ୟନ୍ତ ସୁଦୃଢ଼ ହୋଇନାହିଁ। ଯେଉଁଠି ଶିକ୍ଷା ବ୍ୟବସ୍ଥା ମଜବୁତ ହୋଇନାହିଁ, ସେ ଦେଶ ଆଗେଇ ପାରିବ ନାହିଁ। ପୃଥିବୀର ସବୁଠୁ ଭଲ ଶିକ୍ଷା ବ୍ୟବସ୍ଥାର ଦେଶ ହେଉଛି ଫିନଲ୍ୟାଣ୍ଡ। ଛୋଟ ଦେଶ ହେଲେ ମଧ୍ୟ ତାହାର ଶିକ୍ଷା ବ୍ୟବସ୍ଥା ସବୁଠାରୁ ମଜବୁତ୍ ବୋଲି ସେ କହିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଧର ପ୍ରଧାନ, ସମ୍ପାଦକ ସନ୍ତୋଷ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● କନ୍ଧମାଳରୁ ମୁମ୍ବଇ ଭାୟା ୟୁପି ଗଞ୍ଜେଇ ଚାଲାଣ

## ପୁଲିସ କବ୍‌ଜାରେ ନାବାଳକ, ୪ ଗିରଫ

ନୟାଗଡ଼,୧୨ ।୧(ସମିସ): ନୟାଗଡ଼ ଜିଲ୍ଲା ଦେଇ ରୀତିମତ ଗଞ୍ଜେଇ ଚାଲାଣ ହୋଇ ଆସୁଥିବା ବେଳେ ପଡ଼ୋଶୀ କନ୍ଧମାଳ ଜିଲ୍ଲାରୁ ମୁମ୍ବଇ ଗଞ୍ଜେଇ ଯାଉଥିବା ଜଣାପଡ଼ିଛି। ସୋମବାର ଏକ ଗଞ୍ଜେଇ ଚାଲାଣ ମାମଲାରେ ଇଟାମାଟି ଥାନା ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଏଥିସହ ଜଣେ ନାବାଳକଙ୍କୁ ହେପାଜତକୁ ନେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର ଆସିରୁଦ୍ଦିନ ଖାନ୍, ଅଲ୍ଲୀ ଅନସାରୀ, ମହମ୍ମଦ ସଲିମ୍ ଖାନ୍, ଅର୍ଚ୍ଚନା ଗୋପାଲ ପାଶୱାନ। ଅଭିଯୁକ୍ତମାନେ କନ୍ଧମାଳରୁ ମୁମ୍ବଇକୁ ଗଞ୍ଜେଇ ଚାଲାଣ କରୁଥିଲେ। ଏକ ଘରୋଇ ବସରେ ସେମାନେ ଗଞ୍ଜେଇ ନେଇ ଯାଉଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଅଭିଯୁକ୍ତଙ୍କଠାରୁ ୨୮ କେଜି ୫ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏନେଇ ଏକ ମାମଲା ରୁଜୁ କରାଯାଇ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନାବାଳକକୁ ବାଳସୁଧାର ଗୃହକୁ ପଠାଯାଇଛି।

### ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

## ଷ୍ଟଲ ଖାଲି, ପଡ଼ିଆ ଖାଲି; ପାଣିରେ ପଡ଼ିବ କୋଟିଏ






ନୟାଗଡ଼,୧୨ ।୧(ସମିସ): ନୟାଗଡ଼ ଜିଲ୍ଲା ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ସୋମବାର ସନ୍ଧ୍ୟାରେ ସୁଭଦ୍ରା ଶକ୍ତି ମେଳା ଉଦଘାଟିତ ହୋଇଛି। ତେବେ ପ୍ରଶାସନର ମନମୁଖି କାର୍ଯ୍ୟ ଓ ବେପରୁଆ ନୀତି ଯୋଗୁଁ ଏହି ମେଳା ପ୍ରହସନରେ ପରିଣତ ହୋଇଥିବା ଆଲୋଚନା ହେଉଛି। ରାଜ୍ୟ ସରକାର ସୁଭଦ୍ରା ଶକ୍ତି ମେଳା ପାଇଁ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରିଛନ୍ତି। ମାତ୍ର ପ୍ରଚାରପ୍ରସାର ଅଭାବରୁ ମେଳାରେ ଅନେକ ଷ୍ଟଲ ଖାଲି ପଡ଼ିଛି। ପଡ଼ିଆରେ ୧୫୦ ଷ୍ଟଲ ନିର୍ମାଣ କରାଯାଇଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖାଲି ପଡ଼ିଛି। ଏହା ସହ ମେଳା ପୂରା ଖାଁ ଖାଁ ଅବସ୍ଥାରେ ଆରମ୍ଭ ହୋଇଛି। ବସରେ ବୁହା ହୋଇ ଆସିଥିବା ଅଳ୍ପ କିଛି ସୁଭଦ୍ରା ତଥା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ବାଦ ଦେଲେ ପଡ଼ିଆ ପୂରା ଖାଲି ରହିଥିବା ଦେଖିବାକୁ ମିଳିଛି। ସଭା ଚାଲିଥିବା ବେଳେ ମହିଳାମାନେ ପଳାଇଯିବାରୁ ସଭାସ୍ଥଳରେ ଚୌକି ମଧ୍ୟ ଖାଲି ପଡ଼ିଥିଲା। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ ସଭାରେ ମୁଖ୍ୟଅତିଥି ଭାବେ ରଣପୁର ବିଧାୟିକ ତଥା ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଉପସ୍ଥିତ ଥିଲେ। ଜିଲ୍ଲାରେ ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ବ୍ରାଣ୍ଡିଂ କରିବା ପାଇଁ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ତେବେ ପ୍ରଶାସନର ଦୂରଦୃଷ୍ଟି ଅଭାବ ତଥା ବେପରୁଆ ନୀତି ଯୋଗୁଁ ମେଳା ପୂରା ଫିକା ପଡ଼ିଥିବା ଆଲୋଚନା ହେଉଛି।

## ତୀର୍ଥଯାତ୍ରା ହେଲା ଅନ୍ତିମ ଯାତ୍ରା | କନ୍ୟାକୁମାରୀରେ ଫତେଗଡ଼ର ବୃଦ୍ଧ ମୃତ

ଭାପୁର,୧୨ ।୧(ସମିସ): ତୀର୍ଥଯାତ୍ରା ହେଲା ଅନ୍ତିମ ଯାତ୍ରା। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଗ୍ରାମ ଗଡ଼ଭିତର ସାହିର ସିନ୍ଧୁ ସାହୁ (୭୦) ତୀର୍ଥଯାତ୍ରାରେ ସୁଦୂର କନ୍ୟାକୁମାରୀ ଯାଇଥିବାବେଳେ ସେଠାରେ ଶ୍ୱାସକ୍ରିୟାଜନିତ କାରଣରୁ ତାଙ୍କ ମୃତ୍ୟୁ ହୋଇଛି। ସିନ୍ଧୁ ଫତେଗଡ଼ ରାମଲୀଳା ସଂସଦରେ ଦୀର୍ଘ ବର୍ଷ ଧରି ଅଯୋଧ୍ୟା କାଣ୍ଡରେ କୌଶଲ୍ୟା ଓ ଉତ୍ତରାକାଣ୍ଡରେ ଚମ୍ପି ଧୋବଣୀ ଭାବେ ଅଭିନୟ କରି ଆସୁଥିଲେ। ତାଙ୍କ ତିନି ପୁଅଙ୍କ ମଧ୍ୟରୁ ବଡ଼ପୁଅ ରାମଚନ୍ଦ୍ର ରାମଲୀଳାରେ ରାମ, ସାନପୁଅ ମୁନା ରାମଲୀଳାରେ ମୃଗଙ୍ଗ ବାଦନ କରନ୍ତି। ବସ୍ ଯୋଗେ ଦକ୍ଷିଣଭାରତ ବୁଲିବା ସମୟରେ ଶୀତ ଯୋଗୁଁ ସିନ୍ଧୁ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥଇଲେ। ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ୪ ଦିନରେ ସୋମବାର ସକାଳେ ଗାଁରେ ପହଞ୍ଚିଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ରାମଚନ୍ଦ୍ର ମୁଖାଗ୍ନି ଦେଇଥିଲେ।

### ହାତିଆଶିଳା ସରକାରୀ ପ୍ରାଥମିକ ସ୍କୁଲ

## ଜିଲ୍ଲାର ଏକମାତ୍ର ସ୍ୱଚ୍ଛ ଓ ସବୁଜ ବିଦ୍ୟାଳୟ



ଓଡ଼ଗାଁ,୧୨ ।୧(ସମିସ): ନୟାଗଡ଼ ଜିଲ୍ଲାର ଏକମାତ୍ର ସ୍ୱଚ୍ଛ ଓ ସବୁଜ ବିଦ୍ୟାଳୟ ଭାବେ ୨୦୨୫-୨୬ ପାଇଁ ପୁରସ୍କୃତ ତାଲିକାରେ ନୂଆଗାଁ ବ୍ଲକ୍ ହରିପୁରୁ ପଞ୍ଚାୟତ ହାତିଆଶିଳା ସରକାରୀ ପ୍ରାଥମିକ ବିଦ୍ୟାଳୟ ସର୍ବଭାରତୀୟ ସ୍ତରରେ ସ୍ଥାନ ପାଇଛି। ଏନେଇ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସାରା ରାଜ୍ୟରୁ ୨୦ ବିଦ୍ୟାଳୟକୁ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ଘୋଷଣା କରାଯାଇଛି। ଏନେଇ ୨୦୨୫ ନଭେମ୍ବର ୧୬ରେ ଦଶପଲ୍ଲା ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଇଁ ଅଶ୍ୱିନୀ କୁମାର ବେହେରା ଏବଂ ଡିସେମ୍ବର ୧୯ରେ ନୂଆଗାଁ ବିଇଓ ଅଫିସରୁ ଅଶୋକ କୁମାର ପଣ୍ଡା ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ଉକ୍ତ ବିଦ୍ୟାଳୟରେ ୨ ଶିକ୍ଷକ ଲକ୍ଷ୍ମୀଧର ନାୟକ ଓ ବିନାୟକ ପଣ୍ଡା ଶିକ୍ଷାଦାନ କରୁଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସହଯୋଗରେ ବିଦ୍ୟାଳୟ ପରିସରକୁ ସବୁ ସମୟରେ ସ୍ୱଚ୍ଛ ଏବଂ ସବୁଜ ରଖିବା ପ୍ରତି ଦୃଷ୍ଟି ଦେଇଥାନ୍ତି। ଜିଲ୍ଲାର ଏକମାତ୍ର ବିଦ୍ୟାଳୟ ଭାବେ ପୁରସ୍କୃତ ତାଲିକାରେ ସ୍ଥାନ ପାଇଥିବା ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି।

## ରାଷ୍ଟ୍ରୀୟ ଯୁବ ଦିବସ ପାଳିତ



ଓଡ଼ଗାଁ,୧୨ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଆନୁକୂଲ୍ୟରେ ବ୍ଲକ ରୋଡ୍ କଲ୍ୟାଣ ମଣ୍ଡପଠାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳନ କରାଯାଇଛି। ଏହି ଅବସରରେ ୭ ଶହ ଶିକ୍ଷାର୍ଥୀ ସାମୂହିକ ରାଷ୍ଟ୍ରଗୀତ ଗାନ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ବିଡିଓ ପ୍ରୀତିବାଳା ରଣା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ନୀଳାଞ୍ଜନ ଦାସ, ଓଡ଼ଗାଁ କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁ, ଅବସରପ୍ରାପ୍ତ ବିଇଓ ଦାମୋଦର ଖିଲାର ଏବଂ ଓଡ଼ଗାଁ ଏନ୍‌ଏସି ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଜାତୀୟ ଯୁବ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ସୂଚନା ରଖିଥିଲେ।

**ଖଣ୍ଡପଡ଼ା:** ସ୍ଥାନୀୟ ପଠାଣି ସାମନ୍ତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବାସଂସ୍ଥା ଓ ଯୁବ ରେଡକ୍ରସ ମିଳିତ ଆନୁକୂଲ୍ୟରେ ସୋମବାର ପୂର୍ବାହ୍ନରେ ଜାତୀୟ ଯୁବ ଦିବସ ଓ ସାମୂହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସ୍ୱଚ୍ଛ ସଲୀଳା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଛାତ୍ରୀ ସୀମା ରଣା ବନ୍ଦେ ମାତରମ୍ ବନ୍ଦନା କରିଥିବା ବେଳେ ଶତାଧିକ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଏହି ରାଷ୍ଟ୍ରୀୟ ଗୀତ ଗାନ କରିଥିଲେ। ଅଧ୍ୟାପକ ସର୍ବେଶ୍ୱର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଲୋକନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଭାଗୀରଥି ମହାରଣା, ସଂସ୍କୃତ ବିଭାଗ ମୁଖ୍ୟ ଡ. ରବୀନ୍ଦ୍ର କୁମାର ଦାଶ, ଅଧ୍ୟାପକ ଅଶୋକ କୁମାର ସାହୁ ଓ ଗୌତମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### କୋବିର ଅଭାବି ବିକ୍ରି ଆରମ୍ଭ

## ଖୁଚୁରା ବଜାରରେ କେଜି ୨୫, ଚାଷୀ ପାଉଛି ୧୦ ଟଙ୍କା

ନୟାଗଡ଼,୧୨ ।୧(ସମିସ)

ନୟାଗଡ଼ ଜିଲ୍ଲାରେ କୋବି ଚାଷୀ ଏବର୍ଷ ଅଭାବି ବିକ୍ରିର ଶିକାର ହେବା ଆରମ୍ଭ ହୋଇଛି। ଅଧିକ ପରିମାଣର ଚାଷ ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଖାଉଟି ବଜାରରୁ ଫୁଲକୋବି କେଜି ପିଛା ୨୫ ଟଙ୍କାରେ କିଣୁଥିବା ବେଳେ ଚାଷୀ ଏହାକୁ ଗଦି ତଥା ମଣ୍ଡିରେ ୧୪ରୁ ୧୭ ଟଙ୍କାରେ ବିକ୍ରି କରୁଥିବା ଜଣାଯାଇଛି। କେତେକ ଚାଷୀ ୧୦ ଟଙ୍କାରେ ମଧ୍ୟ କୋବି ବିକ୍ରି କରୁଥିବା ସୂଚନା ମିଳିଛି। ଗତ ଏକ ସପ୍ତାହ ହେବ ଏଭଳି ସ୍ଥିତି ସୃଷ୍ଟି ହୋଇଛି।

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା, ମଶାବାରୀ, ପନ୍ତିଖାରୀ, କୁରାଳ, ଗୋଡ଼ିପଲ୍ଲୀ ପ୍ରଭୃତି ଗ୍ରାମରେ ବ୍ୟାପକ ପରିମାଣରେ କୋବି ଏବଂ ସବୁଜ ପନିପରିବା ଚାଷ ହୋଇଥାଏ। ଚାଷୀମାନେ ଅତ୍ୟନ୍ତ କଷଣ ସହ୍ୟ କରି ଚାଷ କରୁଥିବା ବେଳେ ଲାଭଖୋର ବ୍ୟବସାୟୀଙ୍କ ଯୋଗୁଁ କ୍ଷତିଗ୍ରସ୍ତ ହେଉଛନ୍ତି। ଫୁଲକୋବି ଗଦିରେ ଚାଷୀ ପ୍ରାୟ ୧୪ରୁ ୧୭ ଟଙ୍କା, ବନ୍ଧାକୋବି ୧୨ ଟଙ୍କାରେ ବେପାରୀଙ୍କୁ ଦେଉଛନ୍ତି। ସେହିଭଳି ଗୋଡ଼ିପଲ୍ଲୀର କିଛି ଚାଷୀ ଏବେ ୧୦ ଟଙ୍କାରେ ଫୁଲକୋବି ବିକ୍ରି ଆରମ୍ଭ କରିଥିବା ସୂଚନା ମିଳିଛି। ଏହି ପନିପରିବାକୁ ଶସ୍ତାରେ କିଣି ଦୁଇଗୁଣରୁ ଅଧିକ ଦରରେ ବଜାରରେ ବିକ୍ରି କରାଯାଉଛି। ଦର ନିୟନ୍ତ୍ରଣ ତଥା ଚାଷୀଙ୍କୁ ଅଭାବୀ ବିକ୍ରିରୁ ରକ୍ଷା କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସେହିଭଳି ବନ୍ଧାକୋବି କେଜି ୨୦ ଟଙ୍କା ଟଙ୍କାରେ ଖୁଚୁରା ବଜାରରେ ବିକ୍ରି ହେଉଥିବା ବେଳେ ଚାଷୀ ଏହାଠାରୁ ଯଥେଷ୍ଟ କମ ଦର ପାଉଥିବା ଜଣାଯାଇଛି।



# ଓଡ଼ଗାଁ ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପିତ




ଖୋର୍ଦ୍ଧା/ବେଗୁନିଆ,୧୨।୧(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଓଡ଼ଗାଁ ଠାରେ ୪ କୋଟି ୫ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ଅତ୍ୟାଧୁନିକ ଅଟଳ ବସ୍‌ଷ୍ଟାଣ୍ଡକୁ ନେଇ ୧୦ଟି ଜିଲ୍ଲାର ମୋଟ ୧୫୬.୫୩ କୋଟି ଟଙ୍କାର ୧୪ ଗୋଟି ଅଟଳ ବସ୍‌ଷ୍ଟାଣ୍ଡକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ଯୋଗେ ଲୋକାର୍ପଣ କରି ଚଳିତ ବର୍ଷ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ସମଗ୍ର ରାଜ୍ୟକୁ" ଶିକ୍ଷାରୁ ସୁରକ୍ଷା ଏବଂ ପ୍ରଯୁକ୍ତିର ପରିବର୍ତ୍ତନର "ବାର୍ତ୍ତା ପ୍ରଦାନ କରି ବ୍ୟାପକ ଜନଜାଗରଣ ଦ୍ୱାରା ଦୁର୍ଘଟଣା କମାଯାଇ ପାରିବ ବୋଲି ଅଭିଭାଷଣ ରଖିଥିଲେ। ଏହି ଅବସରରେ ଓଡ଼ଗାଁଠାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ବେଗୁନିଆ ଅଂଚଳର ଦୀର୍ଘ ଦିନର ଯେଉଁ ଦାବିଥିଲା ତାହା ଆଜି ସାକାର ହୋଇଛି ବୋଲି କହିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇ ଅଟଳ ବସ୍ ଷ୍ଟାଣ୍ଡ ଯୋଜନା ବେଗୁନିଆ ଅଂଚଳର ଉନ୍ନୟନ ଓ ଯାତ୍ରୀ ପରିବହନ ଯୋଜନାରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନର ଭିଜନ କୁ ସାକାର କରିବ ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ କୁମାର ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଅନାଦି ସାହୁ, ବେଗୁନିଆ ପଂଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସ୍ଥାନୀୟ ସରପଂଚ ସତ୍ୟ ନାରାୟଣ ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାର ସିଂହ, ଓ .ଆର. ଟି .ସି. ମ୍ୟାନେଜର ଲିଜାରାଣି ସାହୁ, ବେଗୁନିଆ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଓଡ଼ଗାଁ ଅଟଳ ବସଷ୍ଟାଣ୍ଡର ଟର୍ମିନାଲ ଭବନ, ମାର୍କେଟ କମ୍ପ୍ଲେକ୍ସ, ଯାନ ଧୋଇବା ରାମ୍ପ ଏବଂ ପମ୍ପ ହାଉସ,ଇଲେକ୍ଟ୍ରି ଯାନ ଚାର୍ଜିଂ ସ୍ଥଳି, ନିରାପତା ପ୍ରକୋଷ୍ଠ, ଚତୁପାର୍ଶ୍ୱ ପାଚେରୀ ପ୍ରବେଶ ଓ ପ୍ରସ୍ଥାନ ବାଟ କୁ ନେଇ ସମୁଦାୟ ୧୫୯୦୩.୨୪ ବର୍ଗଫୁଟ ପରିଧିରେ ୬ କୋଟି ୯୭ ଲକ୍ଷ ବ୍ୟୟ ଅଟକଳ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ଅଦ୍ୟାବଧି ୪ କୋଟି ୫ ଲକ୍ଷ ଖର୍ଚ୍ଚ କରାଯାଇ ଅତ୍ୟାଧୁନିକ ସେବା ପ୍ରଦାନର ସମସ୍ତ ବ୍ୟବସ୍ଥା ଅତିଥି ମାନେ ବୁଲି ଦେଖିବା ସହ ଓଏସଆରଟିସି ର ନୂତନ ବସ୍ କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସାଧାରଣ ସଭାର ମଂଚ ପରିଚାଳନା ବ୍ଲକ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା ସମ୍ପାଦନ କରିଥିବା ବେଳେ ଶେଷରେ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ନରମାନବୀ ଉଚ୍ଚବିଦ୍ୟାଳୟ ପାଚେରି ଭାଙ୍ଗିଲା ହାତୀ



ଟାଙ୍ଗୀ,୧୨।୧(ସମିସ):ଟାଙ୍ଗୀ ବ୍ଲକ ଅଧିନସ୍ଥ କୁଞ୍ଜୁରୀ ପଞ୍ଚାୟତର ନରମାନବୀ ଉଚ୍ଚବିଦ୍ୟାଳୟ ପରିସରରେ ଏକ ଦନ୍ତା ହାତୀ ପ୍ରବେଶ କରି ପ୍ରାଚୀର ଭାଙ୍ଗି ଦେଇଥିବା ଜଣାପଡିଛି। ଏହି ପଞ୍ଚାୟତ ଏକ ଆଦିବାସୀ ଅଧ୍ୟୁଷିତ ତଥା ଜଙ୍ଗଲ ପରିବେଷ୍ଟନି ମଧ୍ୟରେ ରହିଛି। ପ୍ରତିବର୍ଷ ହାତୀ ଉପଦ୍ରବ କରି ଅଞ୍ଚଳରେ ବହୁ କ୍ଷୟକ୍ଷତି ଘଟାଉଛନ୍ତି। ଆଜି ଭୋର ତିନିଟା ସମୟରେ ଏକ ଦନ୍ତା ହାତୀ ବିଦ୍ୟାଳୟ ପ୍ରାଚୀର ଭାଙ୍ଗି ହତା ମଧ୍ୟକୁ ପ୍ରବେଶ କରି ଥିଲା। ରାତ୍ର ଜଗୁଆଳି ଟର୍ଚ୍ଚ ପକାଇ ଘେଉଡାଇବା ସମୟରେ ହାତୀ ଆକ୍ରମଣ କରିବାକୁ ଗୋଡ଼ାଇବାରେ ସେଠାରୁ ଜୀବନ ବିକଳ ରେ ସେ ପଳାଇ ଯାଇ ଗ୍ରାମବାସୀଙ୍କ ସହାୟତା ଲୋଡିଥିଲେ। ହାତୀ ଉଚ୍ଚବିଦ୍ୟାଳୟ ପାଚେରୀ ଭାଙ୍ଗି ବିଦ୍ୟାଳୟ ହତାକୁ ପ୍ରବେଶ କରିବା ସହ ଫେରିବା ବେଳେ ବିଦ୍ୟାଳୟ ଫାଟକ ଭାଙ୍ଗିଦେଇଥିବା ଜଣାପଡିଛି। ଏହି ହାତୀ ବିଭିନ୍ନ ଲୋକଙ୍କ ଧାନ କଳେଇ ନଷ୍ଟ କରିବା ସହ କିଛି ଘରଦ୍ୱାର ଭାଙ୍ଗି ଦେଇଥିବା ଜଣାପଡିଛି। ସୁରକ୍ଷା ଦୃଷ୍ଟିରୁ ବନବିଭାଗ ଛାତ୍ରଛାତ୍ରୀ ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ଦୁଇ ପଥର ବୋଝେଇ ଟ୍ରକ ଜବତ

ନିରାକାରପୁର,୧୨।୧(ସମିସ): ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶରେ ଆଜି ନୂଆ ଜଗନ୍ନାଥ ସଡ଼କ ଚଢ଼ାଉ କରାଯାଇ କାଗଜପତ୍ର ଯାଞ୍ଚ କରାଯିବା ବେଳେ ଦୁଇଟି ମାଙ୍କଡ଼ା ପଥର ବୋଝେଇ ଟ୍ରକକୁ ଜବତ କରିଥିବା ଜଣାପଡିଛି। ଯାଞ୍ଚ କରି କାଗଜପତ୍ର ନ ଥିବାରୁ ଦୁଇ ଗାଡ଼ି ଜବତ କରି ଦୁଇଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ କରୁଛି। ଚାଳକ ଦୁଇ ଜଣ ଫେରାର ହୋଇଯାଇଛନ୍ତି।

## ମା' ମଙ୍ଗଳା ସାହିତ୍ୟ ସଂସଦର ୨୫ତମ ବାର୍ଷିକ ଉତ୍ସବ

ଖୋର୍ଦ୍ଧା,୧୨।୧(ସମିସ): ଖୋର୍ଦ୍ଧା ଉପକଣ୍ଠ ଜରିପୁଟ ଗୋପୀନାଥ ମନ୍ଦିର ପରିସରରେ ମା'ମଙ୍ଗଳା ସାହିତ୍ୟ ସଂସଦର ୨୫ତମ ସାରସ୍ୱତ ସମାବେଶ ଭାଷା ସୁରକ୍ଷା ସମ୍ମିଳନୀର ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମା'ମଙ୍ଗଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ଡ. ନୀଳାଦ୍ରିନାଥ ଜଗଦେବ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ଡ଼. ରଶ୍ମୀ କର, ଆଡ଼ଭୋକେଟ ସଦାଶିବ ବେହେରା, କବି ଗୋବିନ୍ଦ ଚନ୍ଦ୍ର ମହାରଣା ଓ ଶ୍ରୀଧର ଦାସ ଓଡ଼ିଆ ଭାଷାର ବହୁଳ ବ୍ୟବହାର ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ଼. ବୃନ୍ଦାବନ ପଣ୍ଡା, ଦେବେନ୍ଦ୍ର ନାରାୟଣ ବାରିକ, ପିପିଲିର ଆ.ର୍ଯ୍ୟ ପ୍ରଦୀପ ଦାସ, ବାରଙ୍ଗର ଅନ୍ନପୂର୍ଣ୍ଣା ଦାଶ ଓଡ଼ିଶାକୁ ସରକାରୀ ଭାଷା ଅବିଳମ୍ବେ ପରିଣତ କରିବା ଓ ସୀମାନ୍ତ ଅଂଚଳରେ ଅଧିକ ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବା ପାଇଁ ବକ୍ତବ୍ୟ ଯୋଗେ କହିଥିଲେ। ସଂସଦ ପକ୍ଷରୁ ନୟାଗଡ଼ ଶଙ୍ଖେଇର କବି ଦେବରାଜ ପ୍ରଧାନ, ଶିଶୁପାଳ ଗଡ଼ର ସଞ୍ଜୁଲତା ମହାନ୍ତି, କେନ୍ଦ୍ରାପଡ଼ାର ବାବାଜୀ ଚରଣ ବେହେରା, ନୃସିଂହ ଛୋଟରାୟ, ନଳିନୀପ୍ରଭା ସାମନ୍ତରାୟ, ଅଙ୍କିତା ଶର୍ମା, ବନିତା ମିଶ୍ର, ଚନ୍ଦ୍ର ଶେଖର ମହାନ୍ତି ପ୍ରମୁଖଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଆରମ୍ଭରେ କବି ଗୋବିନ୍ଦ ଚନ୍ଦ୍ର ମହାରଣା, ବିକ୍ରମ ଚମ୍ପତି, ଡ଼. ଚପଳା ପଣ୍ଡା, କୈଳାସ ଚନ୍ଦ୍ର ପୃଷ୍ଟି ଓ ପ୍ରିୟଙ୍କା ମହାନ୍ତିଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ରମେଶ ହରିଚନ୍ଦନ, ଦୟାନିଧି ରାଉତରାୟ, ଜ୍ୟୋତି ରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସହ ଯୋଗ ଶିକ୍ଷା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ବେଗୁନିଆ, ୧୨।୧ (ସମିସ): ବେଗୁନିଆ ଥାନା କୋଦୁଅବେରେଣୀ ଛକରେ ବିଳମ୍ବିତ ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବାର ପୁଲିସ ନିକଟରେ ଅଭିଯୋଗ ହୋଇଛି। ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ସୂଚନା ଅନୁଯାୟୀ କାଇପଦର ଗ୍ରାମର ସୋମନାଥ ରାଉତରାୟ ବାଇକ ଯୋଗେ ଭିଣୋଇ ଘର ଦୁର୍ଗାପୁର ଯାଉଥିବା ସମୟରେ ପଛ ପଟୁ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଏଥିରେ ସୋମନାଥ ଗାଡ଼ିରୁ ଛିଟିକି ପଡି ଗୁରୁତର ଆହତ ହୋଇଥିବାରୁ ସ୍ଥାନୀୟ ଲୋକମାନେ ତୁରନ୍ତ ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଭିଣୋଇ ଚୈତନ୍ୟ ମଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରୁଛି।

## ବ୍ଲକସ୍ତରୀୟ ଜଳ ବିଭାଜିକା ମହୋତ୍ସବ



ନିରାକାରପୁର, ୧୨।୧ (ସମିସ) : ଖୋର୍ଦ୍ଧା ଜିଲ୍ଲା ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପକ୍ଷରୁ ବ୍ଲକ ସ୍ତରୀୟ ଜଳବିଭାଜିକା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପଦ୍ମକୁମୁଦ ବିଦ୍ୟାନିକେତନ ପରିସରରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇଥିଲେ। ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ରଙ୍କ ତତ୍ତ୍ୱାବଧାନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ, ସମିତି ସଭ୍ୟା କସ୍ତୁରୀ ପ୍ରାଣିଗ୍ରାହୀ, ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ୍ ମହାପାତ୍ର, ସୁନ୍ଦରପୁର ସରପଞ୍ଚ ସୁଜିତ୍ ହାଲଦାର, ସମିତି ସଭ୍ୟ ମମତା ରାଉତ୍ରୁ, ଟାଙ୍ଗୀ ବ୍ଲକ ଆଳା ଅଧ୍ୟକ୍ଷ ସୁକାନ୍ତ ରାଉତ, ଉଜ୍ଜଳାଗୋପିନାଥ ପୁର ସମିତି ସଭ୍ୟ ସୂର୍ଯ୍ୟମଣି ସାହୁ, ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଜଳ ବିଭାଜିକା ମହୋତ୍ସବର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବୃକ୍ଷରୋପଣ କରାଯିବା ସହ ଚାଷ ଜମିକୁ ସେଚ କେନାଲ, ତିନୋଟି ଜଳ ଅମଳ ପ୍ରକଳ୍ପ ଲୋକାର୍ପଣ ସହ ସୁନ୍ଦରପୁର ଗ୍ରାମରେ ନୂତନ ଭାବରେ ହେବାକୁ ଥିବା ଜଳ ଅମଳ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି, କୃଷି, ମତ୍ସ୍ୟ, ପ୍ରଣୀ ସଂପଦର ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବେଗୁନିଆ ବ୍ଲକ ସହକାରୀ ଉପନିର୍ଦ୍ଦେଶିକା ଶୃତି ନନ୍ଦ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ଜି.ମାନସୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱାଦଶ 'ଦୀକ୍ଷିତ ପଡ଼ା' କ୍ରିକେଟ ପ୍ରିମିୟର ଲିଗ୍

ବାଲୁଗାଁ,୧୨।୧(ସମିସ) : ଖୋର୍ଦ୍ଧା ଜିଲ୍ଲା କୁହୁଡି ଛକ ନିକଟସ୍ଥ ଦୀକ୍ଷିତପଡା ଗ୍ରାମର ଡ଼. ଏ.ପି.ଜେ. ଅବଦୁଲ କଲାମ ଆସୋସିଏସନ ପକ୍ଷରୁ ଦ୍ୱାଦଶ ତମ ଦୀକ୍ଷିତପଡା କ୍ରିକେଟ ପ୍ରିମିୟର ଲିଗ ଚାଲିଛି। ଏହି ଟୁର୍ଣ୍ଣାମେଣ୍ଟର ୮ମ ଦିବସରେ ୨ଟି ମ୍ୟାଚ ଖେଳା ଯାଇଥିବା ବେଳେ ପ୍ରଥମ ମ୍ୟାଚରେ ସାଇଶକ୍ତି ଓରିଏର୍ସ ବନାମ ବି.ବି.ଏସ.ଟି. ଆର. ମଧ୍ୟରେ ଖେଳା ଯାଇ ଥିଲା। ସାଇଶକ୍ତି ଟିମ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୯ ଓଇକେଟ ହରାଇ ୯୦ ରନ ସଂଗ୍ରହ କରିଥିବା ବେଳେ ଦ୍ୱିତୀୟ ବ୍ୟାଟିଙ୍ଗ କରି ବି.ବି.ଏସ.ଟି.ଆର. ଟିମ ୭.୪ ଓଭରରେ ୨ଟି ୱିକେଟ ହରାଇ ୯୦ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ଅନୁରୂପ ଭାବେ ୮ମ ଦିବସର ଦ୍ୱିତୀୟ ମ୍ୟାଚ "ଟାଇଟନ ଡୋମିନେଟ" ଟିମ ଓ "ଆଦିଲ ଫାଇଟର୍ସ" ଟିମ ମଧ୍ୟରେ ଖେଳା ଯାଇଥିବା ମ୍ୟାଚରେ ଟାଇଟନ ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୮୩ ରନ ସଂଗ୍ରହ କରିଥିବା ବେଳେ ଆଦିଲ ଫାଇଟର୍ସ ଦଳ ଦ୍ୱିତୀୟ ବ୍ୟାଟିଙ୍ଗ କରି ମାତ୍ର ୬.୩ ଓଭରରେ ଆବଶ୍ୟକୀୟ ୮୪ ରନ ସଂଗ୍ରହ କରି ନେଇ ବିଜୟ ଲାଭ କରିଥିଲା। ଦୁଇ ମ୍ୟାଚର ବିଜେତା ଦଳର ଆଦିଲ ଫାଇଟର୍ସ ଟିମର ଅନିଲ କୁମାର ଏବଂ ବି.ବି.ଏସ.ଆଇ.ଆର. ଟିମର ଧନେଶ୍ୱର ଉଚ୍ଚ କୋଟୀର ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏସ. କେ. ନାଇମୁଦିନ, ଏସ.କେ. ସହାବାଜ, ରଉଫ, ସାହାଜାହାନ ଓ ତହୁର ସମସ୍ତ ମ୍ୟାଚକୁ ପରିଚାଳନା କରିଥିବା ବେଳେ ଏଥିରେ ଅତିଥି ଭାବେ କୁଞ୍ଜୁରୀ ସରପଞ୍ଚ ଜୟଦେବ ବେହେରା, ସାମ୍ବାଦିକ ମୋହିବୁଲ ହକ, ଆଇନଜୀବୀ ସୁନୀଲ ମାନସିଂ, ଫାର୍ମାସିଷ୍ଟ ପ୍ରତିମା ପାଣି, ବନବିହାରୀ ଜେନା, ଦୀକ୍ଷିତପଡା ଗ୍ରାମର ସଭାପତି ଏସ.କେ.ବରାଖତୁଲ୍ଲା ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏ.ପି. ଜେ.ଅବଦୁଲ କଲାମ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଖୋର୍ଦ୍ଧା ଜିଲ୍ଲା କଂଗ୍ରେସର ଉପବାସ ଓ ସାଙ୍କେତିକ ପ୍ରତିବାଦ




ଖୋର୍ଦ୍ଧା,୧୨।୧(ସମିସ): ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଓ ବରିଷ୍ଠ କଂଗ୍ରେସ ନେତା ବେଗୁନିଆ ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ମହାତ୍ମା ଗାନ୍ଧୀ ନରେଗା ଯୋଜନା ନାମ ଓ ନିୟମ ପରିବର୍ତ୍ତନ ବିରୋଧରେ ବେଗୁନିଆ ବ୍ଲକ ଛକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିତଳେ ଏକ ଉପବାସ ଓ ସାଙ୍କେତିକ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିଶ୍ଚିତ ଶ୍ରମ ଅଧିକାର ଆଇନର ସୁରକ୍ଷା ପାଇଁ କଂଗ୍ରେସ ଦଳ ଦେଶବ୍ୟାପି ଅହିଂସା ଉପାୟରେ ଅଭିଯାନ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ମହୀମୁଦିନ ଅହମାଦ, କାଳେନ୍ଦିଚରନ୍ ମହାପାତ୍ର, ଟିମା ମାଝୀ, ମାନସ ବହୁବଳେନ୍ଦ୍ର ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଭଲିବଲ ଟୁର୍ଣ୍ଣାମେଣ୍ଟ: କୁମ୍ବିଲ ଚାମ୍ପିଅନ

ନିରାକାରପୁର,୧୨।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ରମାବିଲି ଠାରେ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଆନୁକୂଲ୍ୟରେ ଖୋର୍ଦ୍ଧା ମାଇ ଭାରତ ସହାୟତାରେ ରମାବିଲି ବିଜୟଲକ୍ଷ୍ମୀ କ୍ଲବ୍ ଦ୍ୱାରା ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୬ଟି ଦଳ ଯଥା କୁମ୍ବିଲୋ, ନରଣଗଡ, ଗୟାବନ୍ଧ, ରମାବିଲି, ବୋଲଗଡ଼ ଓ ଛମୁଡ଼ିଆ ପଲ୍ଲୀ ପ୍ରମୁଖ ଭାଗ ନେଇଥିଲେ। ଶେଷରେ ଫାଇନାଲରେ କୁମ୍ବିଲୋ ଓ ବୋଲଗଡ଼ ମଧ୍ୟରେ ହୋଇଥିଲା। ଏଥିରେ ୨-୧ ସେଟ୍ ରେ କୁମ୍ବିଲୋ ବିଜୟ ଲାଭ କରି ଚାମ୍ପିଅନ ହୋଇଥିଲା। ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ସମ୍ମାନୀତ ଅତିଥି ଭାବେ ମାଇ ଭାରତର ଖୋର୍ଦ୍ଧା ଜିଲ୍ଲା ଯୁବ ଅଧିକାରୀ ନିଖିଲ କୁମାର, କୋଷାଧ୍ୟକ୍ଷ ଶୁଭେନ୍ଦୁ ସାହୁ, ଛଣଗିରି ସମିତି ସଭ୍ୟାଙ୍କ ପ୍ରତିନିଧି ଭବାନୀ ଶଙ୍କର ବରିସଲ, ମଣ୍ଡଳ ସଭାପତି ମାଧବ ମହାନ୍ତି, ସନାତନ ବାରିକ, ସର୍ବେଶ୍ୱର ଜେନା, ଅକ୍ଷୟ ଦାସ, ନୀଳକଣ୍ଠ ବୈରିଗଞ୍ଜନ ଓ ଭଗବାନ ନାୟକ ପ୍ରମୁଖ ଉପସ୍ଥିତ ରହି ଟ୍ରଫି ପ୍ରଦାନ କରିଥିଲେ। ଆଜିର ଖେଳକୁ ଶରତ କୁମାର ଛୋଟରାୟ ପରିଚାଳନା କରିଥିଲେ। କ୍ଲବର କାର୍ତ୍ତିକ ସାମନ୍ତରାୟ, ସତ୍ୟନାରାୟଣ ଶ୍ରୀଚନ୍ଦନ, ବିଶ୍ୱଜିତ ରାଉତରାୟ, ଭରତ ସୁନ୍ଦରାୟ, ଚନ୍ଦନ ଉଦୟସିଂହ ଓ ସୁବ୍ରତ ସୁନ୍ଦରାୟ ପ୍ରମୁଖ ସହଯୋଗ କରିଥିଲେ।



## ଫେବୃଆରୀ ୬ରୁ ନୀଳାମ୍ବୁ ମହୋତ୍ସବ

ଟାଙ୍ଗୀ, ୧୨।୧(ସମିସ): ଚାନ୍ଦପୁର ଐତିହାସିକ ଦଶଦୋଳ ମେଳଣ ପଡିଆରେ ଆସନ୍ତା ଫେବୃଆରୀ ୬ରୁ ୧୨ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ରାଜ୍ୟ ତଥା ଦେଶର ଏକମାତ୍ର ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ୪ର୍ଥ ନୀଳାମ୍ବୁ ମହୋତ୍ସବ ଆୟୋଜିତ କରାଯିବା ପାଇଁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି। ନିର୍ବାଚିତ ଲୋକ ପ୍ରତିନିଧି, ଦଶ ଦୋଳ କମିଟି ସମେତ ବିଭିନ୍ନ କମିଟି, କ୍ଲବ, ବ୍ୟବସାୟୀ, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ, ସରକାରୀ ବେସରକାରୀ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ମା'ଭଉଣୀ ଓ ଯୁବ ବନ୍ଧୁ ସହଯୋଗ କରି ମହୋତ୍ସବକୁ ସଫଳ କରିବା ପାଇଁ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ନିବେଦନ କରିଛି।

## ବିବିସିସିର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍: କୁମାରବସ୍ତ ବିଜୟୀ

ଖୋର୍ଦ୍ଧା,୧୨।୧(ସମିସ): ବ୍ଲୁ ବାର୍ଡ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଗୁରୁଜଙ୍ଗ ଖେଳ ପଡିଆ ଠାରେ ୧୩ ତମ ବିବିସିସି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ଖୋର୍ଦ୍ଧା, କୁମାରବସ୍ତ ଓ ବିବିସିସିର ଦୁଇଟି ଅଂଶ ଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ ଉତର ଖୋର୍ଦ୍ଧା ଓ କୁମାରବସ୍ତ ମଧ୍ୟରେ ହୋଇଥିଲା। ଏଥିରେ କୁମାରବସ୍ତ ବିଜୟ ହୋଇ ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଦ୍ୱିତୀୟ ମ୍ୟାଚ ଗୁରୁଜଙ୍ଗର ବ୍ରିଜେଶ ଟାଇଗର ଓ ଅବ୍ୟକ୍ତ ଲାୟନ୍ସ ମଧ୍ୟରେ ହୋଇଥିଲା। ଅବ୍ୟକ୍ତ ଲାୟନ୍ସ ଏଥିରେ ବିଜୟ ହୋଇ କୁମାରବସ୍ତ ସହ ଫାଇନାଲ ଖେଳିଥିଲେ। ଚିତାକର୍ଷକ ଫାଇନାଲ ମ୍ୟାଚରେ କୁମାରବସ୍ତ ବିଜୟ ଘୋଷିତ ହୋଇଥିଲେ। ଆଜି ମ୍ୟାଚରେ ଅତିଥିଭାବେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ବିବିସିସିର ବରିଷ୍ଠ ସଦସ୍ୟ ରାଜେନ୍ଦ୍ର ସାହୁ, ଓସିଏର କୋଷାଧ୍ୟକ୍ଷ ବିକାଶ ପ୍ରଧାନ, କୁଞ୍ଜବିହାରୀ ବଡ଼ଜେନା, ରାମଚନ୍ଦ୍ର ସାମନ୍ତରାୟ ଓ ପୂର୍ବତନ କ୍ରିକେଟର ମଳୟେଶ ପ୍ରଧାନ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚକୁ ସୁଧୀର ସାହୁ, ରବିନାରାୟଣ ରାଉତରାୟ, ଦୁଃଶାସନ ବେହେରା ବିଶ୍ୱଜିତ ମହାନ୍ତି ଓ ସୂର୍ଯ୍ୟ ନାରାୟଣ ମହାନ୍ତି ପରିଚାଳନା କରିଥିଲେ।

# ଯୁବ ଦିବସ ଓ ବନ୍ଦେ ମାତରମ୍ ଗାନ









ଖୋର୍ଦ୍ଧା,୧୨।୧(ସମିସ): ସ୍ଥାନୀୟ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଜୟନ୍ତୀ ଉପଲକ୍ଷେ ୪୨ତମ ଜାତୀୟ ଯୁବଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ା. ବିନ୍ଧୁଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ଉପକୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ମାର୍ଗକୁ ଅନୁସରଣ କରିବା ପାଇଁ ଉପଦେଶ ଦେଇଥିଲେ। ମହାବିଦ୍ୟାଳୟର ସିନିୟର ପ୍ରଶାସନିକ ଅଧିକାରୀ ପ୍ରମୋଦ ସାମଲ ଗେଷ୍ଟ ଅଫ୍ ଅନର୍ ଭାବେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୁବୋଧ ଜଗଦ୍ଦେବ ଏବଂ ଏନଏସ୍ଏସ୍ ପ୍ରୋଗ୍ରାମ୍ ଅଫିସରମାନେ ସସ୍ମିତା ସାହୁ ଓ ଟି. ଅକ୍ଷୟ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବେଦ ପାଠଶାଳା :** ନିରାକାରପୁର ନିକଟସ୍ଥ ଶ୍ରୀ ଦେବୈ୍ୟ ଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦପାଠଶାଳାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳନ କରାଯାଇଛି। କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ ମହାପାତ୍ର, ପଣ୍ଡିତ ନଳିନୀକାନ୍ତ ନନ୍ଦ, ପଣ୍ଡିତ ସୀତାକାନ୍ତ ଦାଶ, ପଣ୍ଡିତ ବସନ୍ତ କୁମାର ପଣ୍ଡା ଓ ବେଦବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ବିଷୟରେ ଏକ ଆଲୋଚନାଚକ୍ର କରାଯାଇଥିଲା।

**ନାଚୁଣୀ କଲେଜ :** ନାଚୁଣୀ ମହାବିଦ୍ୟାଳୟ ପରିସର ମଧ୍ୟରେ ଏନ.ସି.ସି,ଏନ୍.ଏସ୍.ଏସ୍ ଓ ୱାଇଆରଏସ୍ ର ମିଳିତ ଆନୁକୂଲ୍ୟରେ ସାମୁହିକ ଭାବେ "ବନ୍ଦେ ମାତରମ୍" ଗାନ କରାଯାଇଥିଲା। କଲେଜର ଅଧ୍ୟକ୍ଷ ଡ. ସୁନୀଲ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସୁମନ୍ତ ରାଉତ, ଅଧ୍ୟାପକ ଚନ୍ଦନ ଜେନା, ଅଧ୍ୟାପିକା ମିଲି ବେହେରା ଓ ଅଧ୍ୟାପିକା ଅର୍ଚ୍ଚନା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଧନ୍ୟବାଦ ଦେଇଥିଲେ ଅଧ୍ୟାପକ ଜଗନ୍ନାଥ ଆଚାର୍ଯ୍ୟ।

**ଟାଙ୍ଗୀ:** ଟାଙ୍ଗୀ ବ୍ଲକ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଷ୍ଟ୍ରଗୀତ ବନ୍ଦେ ମାତରମ ୧୫୦ ତମ ପୂର୍ତ୍ତି ଅବସରରେ ସାମୂହିକ ବନ୍ଦେ ମାତରମ ଗାନ କରାଯିବା ସହିତ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ତମ ଜୟନ୍ତୀ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଭାର ପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପଞ୍ଚସଖା ଶିକ୍ଷା ସେତୁ ସଭାନେତ୍ରୀ ରାଜେଶ୍ୱରୀ ହାଲଦାର, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା ରୀତୁ ମଣ୍ଡଳ, ଅଙ୍ଗନବାଡି କର୍ମୀ ଭାରତୀ ଦେଇ, କାବେରୀ ମଣ୍ଡଳ, ଉମା ମଣ୍ଡଳ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ ଅତିଥି ପରିଚୟ ଓ ମନୋରମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ:** କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସାମୁହିକ ଭାବେ ବନ୍ଦେ ମାତରମ ଗାନ କରିଛନ୍ତି। ଛାତ୍ରଛାତ୍ରୀ ଏକାଠି ହୋଇ ବନ୍ଦେ ମାତରମ୍ ଗାନ କରିବା ସହ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ପାଠ କରିଛନ୍ତି। ସେହିଭଳି ସମସ୍ତ ସ୍କୁଲରେ ଜାତୀୟ ଯୁବ ଦିବସ ପାଳନ କରାଯାଇଛି।

**ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ :** ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର କାଇପଦର୍ ପରିସରରେ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଗୀତର ୧୫୦ ବର୍ଷ ପୂର୍ତ୍ତି ଓ ଯୁବଦିବସ ପାଳିତ ହୋଇଛି। ଅଧ୍ୟାପକ ମାନସ କୁମାର ଜୟସିଂହଙ୍କ ନିର୍ଦ୍ଦେଶନାରେ ରାଷ୍ଟ୍ରୀୟ ଗୀତକୁ ସମୂହ ଗାନ କରାଯାଇଥିଲା। ମୁଖ୍ୟ ବକ୍ତା ଭାବରେ ଇତିହାସ ବିଭାଗର ମୁଖ୍ୟ ଡ. ଜନ୍ମେଜୟ ଚୌଧୁରୀ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଉପାଧ୍ୟକ୍ଷା ସଚଳା ସାମନ୍ତରାୟ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଅନୁପମା ଚମ୍ପତିରାୟ, ଅଧ୍ୟାପକ ଭୁବନେଶ୍ୱର ନାୟକ, ଅଧ୍ୟାପକ ସୁଧାଂଶୁ ଶେଖର ରଣସିଂହ, ଅଧ୍ୟାପକ ମନୋରଞ୍ଜନ ଷଡଙ୍ଗୀ, ଅଧ୍ୟାପିକା ସ୍ୱୟଂପ୍ରଭା ମାନ୍ଧାତା ଓ ଅଧ୍ୟାପିକା ସବିତା ବେହେରା ଉପସ୍ଥିତ ଥିଲେ।

**ବେଗୁନିଆ :** ବେଗୁନିଆ ବ୍ଲକ କଣ୍ଟାବାଡ ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳନ ହୋଇଛି। ଏଥିରେ ପ୍ରଧାନଆଚାର୍ଯ୍ୟ ମନରଞ୍ଜନ ପଣ୍ଡାଙ୍କ ଆବାହକତ୍ୱ ଓ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରାଙ୍କ ପରିଚାଳନାରେ ବିଶିଷ୍ଟ ଯୋଗଗୁରୁ ତଥା ଆଧ୍ୟାତ୍ମିକବାଦି ପ୍ରଭାତ କୁମାର ବାହିନୀପତି ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ବିଦ୍ୟାର୍ଥିଙ୍କୁ ପରାମର୍ଶ ଦେଇଥିଲେ।

**ବାଣପୁର :** ବାଲୁଗାଁ ବାଣପୁର ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନରେ ସାମୁହିକ ବନ୍ଦେମାତରମ୍ ଗାନ କରାଯିବା ସହ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନେହେରୁ ସେବା ସଂଘରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ ସହ ସାମୁହିକ ଜାତୀୟ ସଂଗୀତ ବନ୍ଦେମାତରମ୍ ଗାନ କରିଛନ୍ତି ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସଂଘର ଅନ୍ତେବାସୀ। ନେହେରୁ ସେବା ସଂଘ ବାଣପୁର ପକ୍ଷରୁ ସଂଘର କନକଭବନ ପରିସରରେ ସୋମବାର ସଂଘର ସମ୍ପାଦିକା ସରୋଜିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବାଣପୁର ଗୋଦାବରିଶ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁର ପ୍ରତାପ ନରେନ୍ଦ୍ରସିଂ ବର୍ମା, ଅଧ୍ୟାପକ ଆଦିତ୍ୟସାରଥି ବେଦମାତା, ବୈରାଗୀ ଚରଣ ବଳ, ସଂଘର କୋଷାଧ୍ୟକ୍ଷ ଓମ୍ ପ୍ରକାଶ ଅଗ୍ରୱାଲା ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ପ୍ରଦୀପ କୁମାର ଦାସ ଓ ବିରେନ୍ଦ୍ର କୁମାର ତ୍ରୀପାଠୀ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

